# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th September – 2025

### News Editor : Tapan Kumar Moharana

***********************************

## ମୁଖ୍ୟ ସମ୍ବାଦ

- ପାଣ୍ଡୁଲିପିର ଡିଜିଟାଲୀକରଣ, ସଂରକ୍ଷଣ ଏବଂ ଜନାଦୃତି ପାଇଁ ନୂଆଦିଲ୍ଲୀଠାରେ ଜ୍ଞାନ ଭାରତମ୍ ପୋର୍ଟାଲର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ଘଟଗାଁ ମା' ତାରିଣୀଙ୍କ ପୀଠରେ ପ୍ରତିଷ୍ଠା ହେବ ମାତୃ-ଶିଶୁ ସ୍ତନ୍ୟପାନ କକ୍ଷ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ଅନୁଷ୍ଠିତ ହେବ ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ ବିଭାଗର ସତର୍କ ସୂଚନା

## ପିଏମ୍- ଜ୍ଞାନ ଭାରତମ୍

ଜ୍ଞାନ ଭାରତମ୍ ମିଶନ ଭାରତର ସଂସ୍କୃତି, ସାହିତ୍ୟ ଏବଂ ଚେତନାର ସ୍ୱର ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଜ୍ଞାନ ଭାରତମ୍ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ **ଜ୍ଞାନ ଭାରତମ୍** ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ପାଣ୍ଡୁଲିପିର ଡିଜିଟାଇଜେସନ୍, ସଂରକ୍ଷଣ ଏବଂ ଜନାଦୃତି ପାଇଁ ଏହି ପୋର୍ଟାଲ ସମର୍ପିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O -(PM)

ଭାରତରେ ପ୍ରାୟ ୧ କୋଟି ପାଣ୍ଡୁଲିପିର ସଂଗୃହୀତ ହୋଇ ରହିଛି। ଯାହା, ଆମ ପୂର୍ବପୁରୁଷଙ୍କର ଜ୍ଞାନ, ବିଜ୍ଞାନ ଏବଂ ଶିକ୍ଷା ପ୍ରତି ସମର୍ପଣ ଭାବକୁ ପ୍ରତିପାଦିତ କରିଥାଏ। ଭାରତ ଏକ ଜୀବନ୍ତ ପ୍ରବାହ, ଯାହାର ଚିନ୍ତାଧାରା, ଆଦର୍ଶ ଏବଂ ମୂଲ୍ୟବୋଧ ପାଣ୍ଡୁଲିପି ଦ୍ୱାରା ଗଢ଼ିଉଠିଛି। ଭାରତର ପାଣ୍ଡୁଲିପିଗୁଡ଼ିକରେ ସମଗ୍ର ମାନବ ଜାତିର ବିକାଶ ଯାତ୍ରାର ପଦଚିହ୍ନ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O -(PM)

ଏହି ଅବସରରେ ବିଜ୍ଞାନ ଭବନରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ଲଭ ପାଣ୍ଡୁଲିପି ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଉପସ୍ଥିତ ଥିଲେ। ଏହି ସମାବେଶରେ

ଭାରତର ବିଶାଳ ଏବଂ ଅନନ୍ୟ ପାଣ୍ଡୁଲିପି ଐତିହ୍ୟକୁ ପୁନର୍ଜୀବିତ କରିବା ଏବଂ ବିଶ୍ୱଜ୍ଞାନ ଆଦାନ-ପ୍ରଦାନରେ ଏହାକୁ ଏକ କେନ୍ଦ୍ରୀୟ ପୃଷ୍ଠଭୂମିରେ ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ୩ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି ପାଣ୍ଡୁଲିପି ଐତିହ୍ୟ ମାଧ୍ୟମରେ ଭାରତର ଜ୍ଞାନ ଐତିହ୍ୟର ପୁନରୁଦ୍ଧାର।

## ଉପରାଷ୍ଟ୍ରପତି

ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଭାବେ ସି.ପି. ରାଧାକ୍ରିଷ୍ଣନ୍ ଆଜି ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିପି.ରାଧାକ୍ରିଷ୍ଣନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ରାଜଘାଟସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ସ୍ତନ୍ୟପାନ କକ୍ଷ

କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ପୁରୀ ଶ୍ରୀମନ୍ଦିର ପରି ମା' ତାରିଣୀଙ୍କ ପୀଠରେ ମାତୃଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା ହେବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

## - V/O - (ପ୍ରଭାତୀ ପରିଡା)

ଘଟଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମହିଳା ଓ ଶିଶୁବିକାଶ, ମିଶନଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ଉନ୍ନୟନ ପ୍ରକଳ୍ପର ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ଏହାସହ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରସ୍ତାବିତ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର କ୍ରିୟାନ୍ୱୟନ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୋଷଣ ମାସ

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁରସ୍ଥିତ ଭାରତୀ ବିଦ୍ୟାପୀଠଠାରେ ଜାତୀୟ ପୋଷଣ ମାସ ଏବଂ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୁଷ୍ଟିକର ଖାଦ୍ୟ ବର୍ତ୍ତମାନ ଏବଂ ଆଗାମୀ ପିଢ଼ି ତଥା ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପାଇଁ ନିତାନ୍ତ ଆବଶ୍ୟକ ବୋଲି ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଯୋଗଦେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକ ଜନସଚେତନତା ପଦଯାତ୍ରା ବ୍ଲକ୍ ମୁଖ୍ୟାଳୟରୁ ବାହାରି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ଏହି ଅବସରରେ ଏକ ଚାରାରୋପଣ କରାଯିବା ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ନେଇ ବିଭିନ୍ନ

ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ସଂଚାର କାର୍ଯ୍ୟାଳୟ ବ୍ରହ୍ମପୁରର ସହକାରୀ ଅଧିକାରୀ ଜୀବନ କୁମାର ସାମନ୍ତ ପରିଚାଳନା କରିଥିଲେ।

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଖାଇବା ସଂକ୍ରାନ୍ତରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ତଥା ଦେଶର ଉତ୍ପାଦନ କ୍ଷମତା ଓ ଆର୍ଥିକ ଅଭିବୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ।

କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଏବଂ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଆସନ୍ତାକାଲି ପୂର୍ବାହ୍ନ ୧୧ ଘଟିକା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ।

## ପାର୍ବଣ ବୈଠକ

**ପୁରୀ** ଜିଲ୍ଲା ସର୍କିଟ ହାଉସ୍‌ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ପାର୍ବଣ ସମୟରେ ବିଭିନ୍ନ ମଣ୍ଡପରେ ଶୃଙ୍ଖଳାର ସହିତ ପୂଜାର୍ଚ୍ଚନା, ଦର୍ଶନ, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ଏବଂ ସୁରକ୍ଷା ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡପ କର୍ମକର୍ତ୍ତାମାନେ ପ୍ରଶାସନ ନିକଟରୁ ଅନୁମତି ନେଇ ନିୟମ ଅନୁସାରେ, ସମସ୍ତ କାର୍ଯ୍ୟ କରିବା ପାଇଁ

ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପାର୍ବଣ ପୂର୍ବରୁ ସହରର ରାସ୍ତାଘାଟ ମରାମତି, ବିଦ୍ୟୁତ ବ୍ୟବସ୍ଥା ଏବଂ ସଫେଇ କାର୍ଯ୍ୟ ଆଦି ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ମଣ୍ଡପଗୁଡ଼ିକରେ ସିସିଟିଭି କ୍ୟାମେରା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ପ୍ରାଧାନ୍ୟ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ସଚେତନତା କର୍ମଶାଳା

**ନୂଆପଡ଼ା** ଜିଲ୍ଲା ଖଡିଆଳ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏଡ୍ସ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଏଡ୍ସମୁକ୍ତ ଭାରତ ଗଠନ କରିବା ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ପ୍ରତିଯୋଗିତା

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ଡାବୁଗାଁ ସରକାରୀ ପଂଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଜୋନାଲ ସ୍ତରୀୟ ଦୌଡ ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୃତି ପ୍ରତିଯୋଗୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକ୍ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ପାଇଁ ଡାବୁଗାଁ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ସୂଚନା ଦେଇଛନ୍ତି ।

## ସୁସ୍ଥ ନାରୀ ବୈଠକ

**ନୟାଗଡ଼** ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ବିଶେଷକରି ବୟସ୍କ

ମହିଳାଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ କରି ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ତଥା ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ।

## କାର୍ଯ୍ୟକାରିଣୀ ବୈଠକ

**ରାୟଗଡ଼ା** ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଯାଇଛି। ରେଡକ୍ରସ୍ ମାଧ୍ୟମରେ ଯୁବପିଢ଼ିଙ୍କୁ ସମାଜସେବା, ମାନବିକତା, ସଚେତନତା ଏବଂ ନୈତିକ ମୂଲ୍ୟବୋଧ ସଂକ୍ରାନ୍ତରେ ବୈଠକରେ ମତବିନିମୟ ହୋଇଛି।

## ବିଶ୍ୱ ଡଲଫିନ୍ ଦିବସ

ଡଲଫିନ୍ ବିଷୟରେ ସଚେତନତା ସୃଷ୍ଟି ଏବଂ ଏହାର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଡଲଫିନ୍ ଦିବସ ପାଳନ କରାଯାଉଛି। ୨୦୨୨ ମସିହାରେ ସି.ସେଫରେଡ୍ ଗ୍ଲୋବାଲ୍‌ର ଉଦ୍ୟମ ଏବଂ ସମର୍ଥନ ଦ୍ୱାରା ବିଶ୍ୱ ଡଲଫିନ୍ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୨ ତାରିଖରେ ପାଳନ କରାଯାଉଛି।  ବିଶ୍ୱରେ ୪୨ଟି ଜାତିର ଡଲଫିନ୍ ଅଛନ୍ତି। ଦେଶରେ ୬ ହଜାର ୩୨୭ ଡଲଫିନ୍ ଥିବା ଏକ ଆକଳନରୁ ଜଣାପଡିଛି। ସେଥିମଧ୍ୟରୁ ଚଳିତବର୍ଷ ଓଡ଼ିଶାରେ ମୋଟ୍ ୭୧୦ ଡଲଫିନ୍ ଚିହ୍ନଟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ପ୍ରୟାସକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଦେଶରେ ପ୍ରଥମ ଥର ପାଇଁ ନଦୀ ଡଲଫିନ୍ ଗଣନା ରିପୋର୍ଟ ପ୍ରକାଶ ପାଇଛି। ସ୍ଥାନୀୟ ଲୋକ ଏବଂ ଗ୍ରାମବାସୀଙ୍କ ଅଂଶଗ୍ରହଣ ଦ୍ୱାରା ଡଲଫିନ୍ ସଂରକ୍ଷଣ ସହ ସଚେତନତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସ୍ତନ୍ୟପାୟୀ ପ୍ରାଣୀ ଡଲଫିନ୍‌ର

ସଂରକ୍ଷଣ ପାଇଁ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକ ଯତ୍ନନେବା ଲକ୍ଷ୍ୟରେ ବିଶ୍ୱ ଡଲଫିନ୍ ଦିବସ ଏକ ଉତ୍ତମ ସୁଯୋଗ ପ୍ରଦାନ କରେ।

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ତତ୍ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଲଘୁଚାପ ଅଧିକ ଘନୀଭୂତ ହୋଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।